# India - Sweden Virtual Summit

March 05, 2021

## ଭାରତ - ସ୍ୱିଡେନ ମଧ୍ୟରେ ଭର୍ଚୁଆଲ ଶିଖର ସମ୍ମିଳନୀ

ମାର୍ଚ୍ଚ 05, 2021

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱିଡେନର ପ୍ରଧାନମନ୍ତ୍ରୀ ମାନ୍ୟବର ଷ୍ଟିଫାନ ଲୋଫଭେନଙ୍କ ମଧ୍ୟରେ ଆଜି ଏକ ଭର୍ଚୁଆଲ୍ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ସେମାନେ ଦ୍ୱିପାକ୍ଷିକ ପ୍ରସଙ୍ଗ ଏବଂ ପାରସ୍ପରିକ ସ୍ୱାର୍ଥର ଅନ୍ୟାନ୍ୟ ଆଞ୍ଚଳିକ ଏବଂ ବହୁପକ୍ଷୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

ମାର୍ଚ୍ଚ 3 ରେ ହୋଇଥିବା ହିଂସାତ୍ମକ ଆକ୍ରମଣକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ ସ୍ୱିଡେନର ଲୋକଙ୍କ ସହ ଦୃଢତାର ସହ ଠିଆ ହୋଇଥିବାର ପ୍ରକାଶ କରିଥିଲେ ଏବଂ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେ।

ପ୍ରଥମ ଭାରତ-ନର୍ଡିକ୍ ଶିଖର ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ 2018ରେ ନିଜର ସ୍ୱିଡେନ ଗସ୍ତ ଏବଂ ଡିସେମ୍ବର 2019 ରେ ସ୍ୱିଡେନର ରାଜା ଏବଂ ରାଣୀଙ୍କ ଭାରତ ଗସ୍ତକୁ ମନେ ପକାଇଥିଲେ।

ଉଭୟ ନେତା ଉଲ୍ଲେଖ କରିଥିଲେଯେ ଭାରତ ଏବଂ ସ୍ୱିଡେନ ମଧ୍ୟରେ ଦୀର୍ଘ ଦିନର ଘନିଷ୍ଠ ସମ୍ପର୍କ ଗଣତନ୍ତ୍ରର ସହଭାଗୀ ମୂଲ୍ୟବୋଧ, ଆଇନର ଶାସନ, ଅନେକତା, ସମାନତା, ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ମାନବିକ ଅଧିକାରର ସମ୍ମାନ ଉପରେ ଆଧାରିତ। ବହୁପକ୍ଷୀୟତା, ନିୟମ-ଆଧାରିତ ଆନ୍ତର୍ଜାତୀୟ ଶୃଙ୍ଖଳା, ଆତଙ୍କବାଦର ମୁକାବିଲା ଏବଂ ଶାନ୍ତି ଏବଂ ନିରାପତ୍ତା ପାଇଁ କାର୍ଯ୍ୟ କରିବାକୁ ସେମାନେ ସେମାନଙ୍କର ଦୃଢ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ୟୁରୋପୀୟ ସଂଘ ଏବଂ ୟୁରୋପୀୟ ସଂଘର ଦେଶଗୁଡିକ ସହିତ ଭାରତର ବଢୁଥିବା ସହଭାଗୀତାକୁ ସେମାନେ ମଧ୍ୟ ସ୍ୱୀକାର କରିଥିଲେ।

ଦୁଇ ନେତା ଭାରତ ଏବଂ ସ୍ୱିଡେନ ମଧ୍ୟରେ ଚାଲିଥିବା ବ୍ୟାପକ ଭାଗିଦାରୀତାର ସମୀକ୍ଷା କରିଥିଲେ ଏବଂ 2018 ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସ୍ୱିଡେନ ଗସ୍ତ ସମୟରେ ମିଳିତ କାର୍ଯ୍ୟଯୋଜନା ଏବଂ ମିଳିତ ନବସୃଜନ ସହଭାଗିତାର କାର୍ଯ୍ୟକାରୀ ହେବାକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ସହଭାଗୀତାର ବିଭିନ୍ନ ବିଷୟବସ୍ତୁକୁ ଅଧିକ ବିବିଧ କରିବାର ଉପାୟ ସେମାନେ ଅନୁସନ୍ଧାନ କରିଥିଲେ।

ଅନ୍ତର୍ଜାତୀୟ ସୌର ମେଣ୍ଟ (ଆଇଏସଏ) ରେ ଯୋଗଦେବା ପାଇଁ ସ୍ୱିଡେନର ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ମୋଦୀ ସ୍ୱାଗତ କରିଥିଲେ। ଉଭୟ ନେତା ଏହା ମଧ୍ୟ ଉଲ୍ଲେଖ କରିଥିଲେଯେ ଭାରତ-ସ୍ୱିଡେନର ମିଳିତ ପଦକ୍ଷେପ – ଲିଡରସିପ୍ ଗ୍ରୁପ୍ ଅନ୍ ଇଣ୍ଡଷ୍ଟ୍ରି ଟ୍ରାନ୍ସିସନ୍ (ଲିଡଆଇଟି)

ର ସଦସ୍ୟତା ବଢୁଛି ଯାହା ନ୍ୟୁୟର୍କରେ ସେପ୍ଟେମ୍ବର 2019 ରେ ମିଳିତ ଜାତିସଂଘର ଜଳବାୟୁ କାର୍ଯ୍ୟ ସମ୍ମିଳନୀ ଅବସରରେ ଆରମ୍ଭ ହୋଇଥିଲା।

ଉଭୟ ନେତା ଟୀକାକରଣ ଅଭିଯାନ ସମେତ କୋଭିଡ-19 ପରିସ୍ଥିତି ଉପରେ ଆଲୋଚନା କରିଥିଲେ ଏବଂ ସମସ୍ତ ଦେଶରେ ସମାନତାର ସହ ଟୀକାକରଣ ପାଇଁ ତୁରନ୍ତ ତଥା ସୁଲଭ ଦରରେ ଟୀକା ଯୋଗାଇଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

**ନୂଆଦିଲ୍ଲୀ**
**ମାର୍ଚ୍ଚ 05, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.